# NATIONAL NEWS BULLETIN (ODIA)

## 16 September 2026

### Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ବ୍ୟକ୍ତିଗତ ସ୍ତରରେ କୌଣସି ପ୍ରକାର ୟୁପିଆଇ କାରବାର ପାଇଁ ଶୁଳ୍କ ଦେବାକୁ ପଡ଼ିବ ନାହିଁ, ସ୍ପଷ୍ଟ କଲେ ସରକାର ।
- ଭାରତ ଓ ରୁଷ ମଧ୍ୟରେ ଶକ୍ତି ସହଯୋଗ ଦ୍ୱିପାକ୍ଷିକ ସହଭାଗିତାର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ବୋଲି ବର୍ଣ୍ଣନା କରିଛି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ।
- ଭାରତ-ଆମେରିକା ମିଳିତ ସାମରିକ ଯୁଦ୍ଧାଭ୍ୟାସର ୨୨ତମ ସଂସ୍କରଣ ଉତ୍ତରାଖଣ୍ଡର ଆଉଲିଠାରେ ଆରମ୍ଭ ।
- ବାୟୁ ମଣ୍ଡଳରେ ଓଜୋନସ୍ତରର ସଂରକ୍ଷଣ ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଓଜୋନ ଦିବସ ।

ଏବଂ

- ଦ୍ୱିତୀୟ ମ୍ୟାଚ୍‌କୁ ଜିତି ଭାରତ ଆଫଗାନିସ୍ତାନ ବିପକ୍ଷରେ ଚଳିତ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ରେ ୨-୦ରେ ଆଗୁଆ ହୋଇଛି ।

# ଗଭ୍-ୟୁପିଆଇ

ବ୍ୟକ୍ତିଗତ ସ୍ତରରେ କୌଣସି ପ୍ରକାର ୟୁପିଆଇ କାରବାର ପାଇଁ ଶୁଳ୍କ ଦେବାକୁ ପଡ଼ିବ ନାହିଁ ବୋଲି ସରକାର ସ୍ୱଷ୍ଟ କରିଛନ୍ତି । ଏପରିକି କ୍ଷୁଦ୍ର ବ୍ୟବସାୟିଙ୍କ ଲାଗି ବାଣିଜ୍ୟ ରିହାତିହାର ଢାଞ୍ଚାରେ ଅନ୍ତର୍ଭୁକ୍ତ କାରବାର ପାଇଁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ଦେଣନେଣ ନିଶୁଳ୍କ ରହିବ ।

ଅର୍ଥ ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ସମସ୍ତ ପ୍ରକାର ବ୍ୟକ୍ତି ଠାରୁ ବ୍ୟବସାୟୀ ପର୍ଯ୍ୟନ୍ତ ୯୬ ପ୍ରତିଶତ କାରବାର ଶୁଳ୍କ ବିହିନ ହେବ । ବାଣିଜ୍ୟ ରିହାତି ହାର ବ୍ୟବସ୍ଥା ୨ ହଜାର ଟଙ୍କାରୁ ଅଧିକ ନିର୍ଦ୍ଦିଷ୍ଟ ବ୍ୟାବସାୟିକ କାରବାର ପାଇଁ ଲାଗୁ କରାଯିବ । ଭାରତୀୟ ଜାତୀୟ ପେମେଣ୍ଟ ନିଗମ ସ୍ୱଷ୍ଟ କରିଛି, କେତେକ ନିର୍ଦ୍ଦିଷ୍ଟ ବ୍ୟାବସାୟିକ କାରବାର ଉପରେ ସଂଶୋଧିତ ୟୁପିଆଇ ବାଣିଜ୍ୟ ରିହାତିହାର ବ୍ୟବସ୍ଥା ପ୍ରଚଳନ କରାଯାଉଛି । ଆସନ୍ତା ମାସ ୧୫ ତାରିଖରୁ ଏହା କାର୍ଯ୍ୟକାରି ହେବ । ଉପଭୋକ୍ତାଙ୍କ ପାଇଁ ୟୁପିଆଇ କାରବାର ସମ୍ପୂର୍ଣ୍ଣ ମାଗଣା ରହିବ । ବାଣିଜ୍ୟ ରିହାତିହାର ଅଧୀନରେ ୨ହଜାର ଟଙ୍କାରୁ ଅଧିକ ବ୍ୟକ୍ତିଠାରୁ ବ୍ୟବସାୟି କାରବାର ପାଇଁ ଶୂନ ଦଶମିକ୍ ୪ ପ୍ରତିଶତ ଶୁଳ୍କ ଲାଗୁ ହେବ । ତେବେ ୭୫ ହଜାର ଟଙ୍କା କିମ୍ବା ତାଠାରୁ ଅଧିକ ପ୍ରତ୍ୟେକ ମୂଲ୍ୟର କାରବାର ପାଇଁ ବାଣିଜ୍ୟ ରିହାତିହାର ଶୁଳ୍କ ୩୦୦ ଟଙ୍କା ମଧ୍ୟରେ ସୀମିତ ରହିବ ।

ମନ୍ତ୍ରଣାଳୟ କହିଛି, ୟୁପିଆଇ କ୍ୟୁଆର୍‌କୋର୍ଡ଼ ମାଧ୍ୟମରେ ପ୍ରତି ମାସରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପାଉଥିବା କ୍ଷୁଦ୍ର ବ୍ୟବସାୟୀ ସମସ୍ତ କାରବାର ପାଇଁ ଶୂନ୍ୟ ବାଣିଜ୍ୟ ରିହାତିହାରର ସୁବିଧା ପାଇପାରିବେ । ରେଳବାଇ, ଟେଲି ଯୋଗାଯୋଗ, ବିମା, ଇନ୍ଧନ କ୍ଷେତ୍ର, ୨ ହଜାର ଟଙ୍କାରୁ ଅଧିକ କୃଷି ଇନ୍‌ପୁଟ୍ କାରବାର ପାଇଁ ବାଣିଜ୍ୟ ରିହାତିହାର ଚାର୍ଜ ୫ ଟଙ୍କା ଦେବାକୁ ପଡ଼ିବ । ବ୍ୟକ୍ତିଗତ ସ୍ତରୀୟ ଅର୍ଥ କାରବାର ନେଇ କୌଣସି ମାସିକ ତଥା ପରିମାଣ ସୀମା ନିର୍ଦ୍ଧାରିତ କରାଯାଇନାହିଁ । ମନ୍ତ୍ରଣାଳୟ କହିଛି, ୟୁପିଆଇ ପରିଚାଳନା କମିଟି ଦ୍ୱାରା ପ୍ରଜୁଯ୍ୟ ହାର, କାର୍ଯ୍ୟକ୍ଷମ ବ୍ୟବସ୍ଥା ଏବଂ ଉପଭୋକ୍ତାଙ୍କ ସୁରକ୍ଷା ଉପରେ ବିସ୍ତୃତ ଆଲୋଚନା ପରେ ପେମେଣ୍ଟ ଓ ସେଟଲମେଣ୍ଟ ବ୍ୟବସ୍ଥା ଆଇନ୍ ୨୦୦୭ ଅଧୀନରେ ଏହି ବାଣିଜ୍ୟ ରିହାତିହାର କାର୍ଯ୍ୟକାରି କରାଯାଉଛି । ବ୍ୟକ୍ତିଗତ ସ୍ତରୀୟ ଏବଂ କ୍ଷୁଦ୍ର ବ୍ୟବସାୟୀଙ୍କୁ ଏହି ବ୍ୟବସ୍ଥା ଦୀର୍ଘକାଳୀନ ସୁରକ୍ଷା ପ୍ରଦାନ କରିବ ବୋଲି ମନ୍ତ୍ରଣାଳୟ କହିଛି ।

## ଏମ୍‌ଇଏ-ବ୍ରିଫିଂ

ନୂଆଦିଲ୍ଲୀରେ ଅଷ୍ଟାଦଶ ବ୍ରିକ୍ସ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଚୀନ୍‌ର ରାଷ୍ଟ୍ରପତି ସି. ଜିନ୍‌ପିଙ୍ଗ୍‌ଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି । ନୂଆଦିଲ୍ଲୀଠାରେ ଗତ ସନ୍ଧ୍ୟାରେ ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର

ରଣଧୀର ଜୟସ୍ୱାଲ କହିଛନ୍ତି, ଭାରତ ପାଇଁ ଗୁରୁତ୍ୱ ବହନ କରୁଥିବା କେତେକ ପ୍ରସଙ୍ଗ ସମ୍ପର୍କରେ ଶ୍ରୀ ମୋଦୀ ଚୀନ୍ ରାଷ୍ଟ୍ରପତିଙ୍କୁ ଅବଗତ କରାଇଛନ୍ତି । ଏହାକୁ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଦୃଷ୍ଟିକୋଣ ଆଧାରରେ ସମାଧାନ ପାଇଁ ଉଭୟପକ୍ଷ ସହମତ ହୋଇଥିବା ଶ୍ରୀ ଜୟସ୍ୱାଲ କହିଛନ୍ତି ।

V/O1--RANDHIR-JAISWAL-ON-CHINA

ଓମାନ ଉପକୂଳରେ ବାଣିଜ୍ୟିକ ଜାହାଜ ଏମ୍ ଏଲ୍ ଗୟା ଉପରେ ଆକ୍ରମଣ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଜୟସ୍ୱାଲ କହିଛନ୍ତି, ଏଭଳି ଆକ୍ରମଣ ଭାରତ ପାଇଁ ଆଦୌ ଗ୍ରହଣୀୟ ନୁହେଁ । ଆନ୍ତର୍ଜାତିକ ଜଳପଥ ଦେଇ ମୁକ୍ତ ତଥା ସୁରକ୍ଷିତ ନୌବାଣିଜ୍ୟ କାରବାର ପୁନଃ ସ୍ଥାପନ କରିବାକୁ ଭାରତ ଦାବି କରିଛି । ଏହି ଜାହାଜରେ ୧୪ ଜଣ ଭାରତୀୟ ନାଗରିକ ନାବିକ ଭାବେ କାର୍ଯ୍ୟରତ ଥିଲେ । ସେମାନଙ୍କ ମଧ୍ୟରୁ ୧୩ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଜଣେ ନିଖୋଜ ଥିବା ଶ୍ରୀ ଜୟସ୍ୱାଲ କହିଛନ୍ତି । ଓମାନ କର୍ତ୍ତୃପକ୍ଷଙ୍କ ସହାୟତାରେ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି ।

ଜୈୟସ୍-ଏ-ମହମ୍ମଦ ମୁଖ୍ୟ ମାସୁଦ୍ ଆଝାରଙ୍କ ପାଇଁ ପାକିସ୍ତାନ ପକ୍ଷରୁ ୭୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିବା ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଜୟସ୍ୱାଲ କହିଛନ୍ତି, ପାକିସ୍ତାନର ଏଭଳି ଚତୁରତାପୂର୍ଣ୍ଣ ପଦକ୍ଷେପ ଭାରତ ପାଇଁ ନୂଆ ନୁହଁ । ପାକିସ୍ତାନକୁ ମାସୁଦ୍‌ଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ କରିବାକୁ ପଡ଼ିବ ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଜୟସ୍ୱାଲ କହିଛନ୍ତି, ଭାରତ ଓ ରୁଷ ମଧ୍ୟରେ ଶକ୍ତି ସହଯୋଗ ଦ୍ୱିପାକ୍ଷିକ ସହଭାଗିତାର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ । ଉଭୟ ଦେଶ ପରମାଣୁ କ୍ଷେତ୍ରରେ ପରସ୍ପରକୁ ଦୀର୍ଘ ସମୟ ଧରି ସହଯୋଗ କରି ଆସୁଛନ୍ତି । କୁଡାନକୁଲମ୍ ଶକ୍ତି ପ୍ରକଳ୍ପ ଭାରତ ଓ ରୁଷ ସହଯୋଗର ଏକ ସଫଳ ଉଦାହରଣ ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

ଶ୍ରୀ ଜୟସ୍ୱାଲ କହିଛନ୍ତି, ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏବଂ ସାଉଦି ପ୍ରତିପକ୍ଷଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ବୈଠକ ହୋଇଛି । ଉଭୟଙ୍କ ମଧ୍ୟରେ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ତଥା ବୈଶ୍ୱିକ ପ୍ରସଙ୍ଗ ଉପରେ ମତବିନିମୟ ହୋଇଥିବା ଶ୍ରୀ ଜୟସ୍ୱାଲ କହିଛନ୍ତି ।

## ଇଣ୍ଡିଆ-ୟୁଏସ୍

ଭାରତ-ଆମେରିକା ମିଳିତ ସାମରିକ ଯୁଦ୍ଧାଭ୍ୟାସର ୨୨ତମ ସଂସ୍କରଣ ଗତକାଲି ଉତ୍ତରାଖଣ୍ଡର ଆଉଲିଠାରେ ଆରମ୍ଭ ହୋଇଛି । ଉଦ୍‌ଘାଟନୀ ସମାରୋହ ଆଉଲି ବିଦେଶ ତାଲିମ୍ ପ୍ରକ୍ରିୟାରେ ଅନୁଷ୍ଠିତ ହୋଇଥିଲା । ଏହି ସମାରାଭ୍ୟାସ ଏକକାଳୀନ ଆଉଲି ଏବଂ ରାଜସ୍ଥାନର ମହାଜନ ଫିଲ୍ଡ ଫାୟାରିଂ ରେଞ୍ଜରେ ଅନୁଷ୍ଠିତ ହେଉଛି । ଭାରତ ଏବଂ ଆମେରିକା ଦୁଇ ବାହିନୀ ମଧ୍ୟରେ ଆନ୍ତଃ କାର୍ଯ୍ୟଦକ୍ଷତା ତଥା ଦ୍ୱିପାକ୍ଷିକ

ପ୍ରତିରକ୍ଷା ସହଭାଗିତାକୁ ସଶକ୍ତ କରିବାରେ ଏହି ସମରାଭ୍ୟାସ ଏକ ମଞ୍ଚ ପ୍ରଦାନ କରୁଛି ।

ଏପରିକି ବିଭିନ୍ନ ଆହ୍ୱାନର ମୁକାବିଲା ଦିଗରେ ଦୁଇ ବାହିନୀ ପାରସ୍ପରିକ ସହଯୋଗ ମାଧ୍ୟମରେ ଅଧିକ ସଶକ୍ତ ହେଉଛନ୍ତି ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି । ପ୍ରଯୁକ୍ତିବିଦ୍ୟା ଆଧାରିତ ସମରାଭ୍ୟାସକୁ ପ୍ରାଥମିକତା ପ୍ରଦାନ କରାଯାଉଛି । ପ୍ରଶିକ୍ଷଣକୁ ଡ୍ରୋନ୍ ମାଧ୍ୟମରେ ତଦାରଖ କରାଯାଉଛି । ଉଭୟ ସେନାର ବହୁ ବିଶେଷଜ୍ଞ ଏଥିରେ ଅଂଶଗ୍ରହଣ କରୁଛନ୍ତି ।

## ନେପାଳ-ଡେଥ୍ ଟୋଲ

ନେପାଳ ବନ୍ୟାରେ ମୃତ୍ୟୁ ସଂଖ୍ୟା ୧ ହଜାର ୩୯୯କୁ ବୃଦ୍ଧି ପାଇଛି । ସୁରକ୍ଷା କର୍ମୀଙ୍କ ମିଳିତ କମାଣ୍ଡ ପକ୍ଷରୁ ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ ଏବେ ମଧ୍ୟ ଜାରି ରହିଛି । ୫ ହଜାର ୧୭୦ରୁ ଅଧିକ ଲୋକ ନିଖୋଜ ଥିବା ଆକଳନ କରାଯାଇଛି । ପ୍ରଭାବିତ ଅଞ୍ଚଳରୁ ଏ ପର୍ଯ୍ୟନ୍ତ ମୋଟ୍ ୧୩ ହଜାର ୭୪୨ ଜଣଙ୍କୁ ଉଦ୍ଧାର କରାଯାଇଛି । ଜାତୀୟ ବିପର୍ଯ୍ୟୟ ବିପଦ ହ୍ରାସ ଓ ପରିଚାଳନା କର୍ତ୍ତୃପକ୍ଷ ଦେଇଥିବା ସୂଚନା ଅନୁଯାୟୀ ଚିତ୍‌ୱାନ୍ ଜିଲ୍ଲାରୁ ସର୍ବାଧିକ ୩୬୪ଟି ମୃତ ଦେହ ଉଦ୍ଧାର କରାଯାଇଛି ।

# ଓଜୋନ ଦିବସ

ବାୟୁମଣ୍ଡଳରେ ଓଜୋନ ସ୍ତରର ସଂରକ୍ଷଣ ସଂପର୍କରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟନେଇ ଆଜି ବିଶ୍ୱ ଓଜୋନ ଦିବସ ପାଳନ କରାଯାଉଛି। ୧୯୯୪ ମସିହା ଜାତିସଂଘ ମହାସଭା ଓଜୋନ ସ୍ତର ସୁରକ୍ଷା ପାଇଁ ଗ୍ରହଣକରିଥିବା ଐତିହାସିକ ମଣ୍ଟ୍ରିଲ ମାର୍ଗଦର୍ଶିକାକୁ ସ୍ମରଣ କରି ପ୍ରତିବର୍ଷ ସେପ୍ଟେମ୍ବର ୧୬ ତାରିଖରେ ଏହି ଦିବସ ପାଳିତ ହୋଇ ଆସୁଛି । ଚଳିତବର୍ଷର ପ୍ରସଙ୍ଗ ରହିଛି ଏକ ଶୀତଳ ଗ୍ରହ ପାଇଁ ବିଶ୍ୱସ୍ତରୀୟ ପଦକ୍ଷେପ । ବୈଜ୍ଞାନିକ ଗବେଷଣା ଏବଂ ଓଜୋନ ସ୍ତରକୁ ସଂରକ୍ଷଣ କରିବା ସହ ଜଳବାୟୁ ସୁରକ୍ଷା ଉପରେ ଗୁରୁତ୍ୱ ପ୍ରଦାନର ଲକ୍ଷ୍ୟ ନେଇ ଆଜି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

# ହେଲ୍‌ଥ ସେକ୍ରେଟେରୀ ୱାର୍କସପ୍

ଆଧୁନିକ ସ୍ୱାସ୍ଥ୍ୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଶିକ୍ଷା ଓ ତାଲିମ୍ କାର୍ଯ୍ୟକ୍ରମକୁ ସମନ୍ୱିତ କରିବା ଲକ୍ଷ୍ୟ ନେଇ ଦିଲ୍ଲୀ ଅଖିଳ ଭାରତୀୟ ଚିକିତ୍ସା ବିଜ୍ଞାନ ସଂସ୍ଥାନ ପକ୍ଷରୁ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । ସ୍ୱାସ୍ଥ୍ୟ ସଚିବ ପୁଣ୍ୟ ଶଲିଳା ଶ୍ରୀବାସ୍ତବ ଏଥିରେ ଯୋଗଦେଇଥିଲେ । କାର୍ଡ଼ିଓମେଟାବୋଲିକ୍ ରୋଗ ପାଇଁ ସ୍ୱାସ୍ଥ୍ୟ ବୃତ୍ତିଗତ ଶିକ୍ଷାକୁ ସୁଦୃଢ଼ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ସାମାଜିକ ଗଣମାଧ୍ୟମ

ପୋଷ୍ଟରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ଏହି କର୍ମଶାଳା ହୃଦ୍‌ରୋଗ, କ୍ୟାନ୍‌ସର ଏବଂ ଡାଇବେଟିସ୍ ଭଳି ବର୍ଦ୍ଧିତ ସ୍ୱାସ୍ଥ୍ୟ ଆହ୍ୱାନ କ୍ଷେତ୍ରଗୁଡ଼ିକରେ ସମାଧାନର ମାର୍ଗ ଉନ୍ମୁକ୍ତ କରିବାକୁ ଏକ ମଞ୍ଚ ପ୍ରଦାନ କରିଛି । ଏହି କର୍ମଶାଳାରେ ରୋଗର ନିବାରଣ ତଥା ପରିଚାଳନା ପାଇଁ ଶିକ୍ଷା ଓ ଦକ୍ଷତାକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ବିଶେଷଜ୍ଞ, ନୀତିନିର୍ଦ୍ଧାରକ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ମଧ୍ୟରେ ମତବିନିମୟ ହୋଇଛି ।

## କ୍ରିକେଟ୍

ଭାରତ-ଆଫ୍‌ଗାନିସ୍ତାନ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ପୁରୁଷବର୍ଗ ସିରିଜ୍‌ର ଗତକାଲିର ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି । ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ ଆଫ୍‌ଗାନିସ୍ତାନକୁ ୭ ୱିକେଟ୍‌ରେ ପରାସ୍ତ କରିଛି । ଏଥିସହ ସିରିଜ୍‌ରେ ୨-୦ରେ ଆଗୁଆ ହୋଇଛି । ଟସ୍ ଜିତି ଭାରତ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା ।

ନିର୍ଦ୍ଧାରିତ ୨୦ ଓଭରରେ ଆଫ୍‌ଗାନିସ୍ତାନ ୮ ୱିକେଟ୍ ବିନିମୟରେ ୧୫୯ରନ୍ ସଂଗ୍ରହ କରିଥିଲା । ଭାରତ ପକ୍ଷରୁ ନୀତିଶ କୁମାର ରେଡ୍ଡୀ ୩ଟି ୱିକେଟ୍ ଏବଂ ଅର୍ଶଦୀପ ସିଂହ ୨ଟି ୱିକେଟ୍ ଅକ୍ତିଆର କରିଥିଲେ ।

୧୬୦ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ୧୪ ଓଭର ଏବଂ ୫ଟି ବଲ୍‌ରେ ୩ ଓ୍ୱିକେଟ୍ ବିନିମୟରେ ହାସଲ କରିପାରିଥିଲା ।

ଦଳ ପକ୍ଷରୁ ସଞ୍ଜୁ ସାମସନ୍ ୨୨ଟି ବଲ୍‌ରୁ ୫୭ରନ୍ ସଂଗ୍ରହ କରିଥିବା ବେଳେ ଅଭିଶେକ ଶର୍ମା ୩୯ ଏବଂ ଇଶାନ୍ କିଶାନ ଅପରାଜିତ ୩୮ରନ୍ ସଂଗ୍ରହ କରିଥିଲେ । ନୀତିଶ ରେଡ୍ଡୀଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଛି । ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଆସନ୍ତାକାଲି ସେହି ଅରୁଣ ଜେଟଲୀ ଷ୍ଟାଡିୟମ୍‌ଠାରେ ଖେଳାଯିବ ।

# ଆଇଏମ୍‌ଡି-ଓ୍ୱେଦର

ଦିଲ୍ଲୀ, ଚଣ୍ଡିଗଡ଼, ହରିଆଣା, ମେଘାଳୟ, ଆସାମ, ଅରୁଣାଚଳ ପ୍ରଦେଶ ଓ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ଆଜି ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ଅନୁମାନ କରିଛି । କେରଳମ୍, ମାହେ, ପଞ୍ଜାବ, ପଶ୍ଚିମବଙ୍ଗର ଉପ-ହିମାଳୟ ଅଞ୍ଚଳ, ସିକ୍କିମ୍, ତାମିଲନାଡୁ, ପୁଡୁଚେରୀ ଏବଂ କରେଇକାଲରେ ମଧ୍ୟ ଆଜି ବର୍ଷା ହୋଇପାରେ । ଅନ୍ୟ ପକ୍ଷରେ ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ଓଡ଼ିଶା ସମେତ ବିହାର, ଜାମ୍ମୁ କାଶ୍ମୀର, ଲଦାଖ, ଝାଡ଼ଖଣ୍ଡ ଏବଂ ରାଜସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି ।